## ତହସିଲଦାରଙ୍କ ଅଦାଲତ : ଟାଙ୍ଗରପାଲି ଜିଲ୍ଲା:ସୁନ୍ଦରଗଡ଼

ବେ ସଂରକ୍ଷଣ ମୋକଦ୍ଦମା ସଂଖ୍ୟା : 22/2022

**ସାଧାରଣ ନୋଟିସ**

**ଇସ୍ତାହାର**

ଏତଦ୍ୱାରା ମୌଜା: ସରଧାପାଲି ର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମିକୁ ଯଶୋଦା ବିଷ୍ଣୁ ସ୍ନାତକ ମହାବିଦ୍ୟାଳୟ, ସରଧାପାଲି ଙ୍କ ଶ୍ରେଣୀଗୃହ, ବାଳକ ହୋଷ୍ଟେଲ ଏବଂ ବାଳିକା ହୋଷ୍ଟେଲ ନିର୍ମାଣ ନିମନ୍ତେ ଉଚ୍ଚ ଶିକ୍ଷା ବିଭାଗ, ଓଡିଶା ସରକାର ମାର୍ଫତ ଯଶୋଦା ବିଷ୍ଣୁ ସ୍ନାତକ ମହାବିଦ୍ୟାଳୟ, ସରଧାପାଲି ଙ୍କ ନାମରେ ହସ୍ତାନ୍ତରଣ ସ୍ୱତ୍ୱରେ ବନ୍ଦୋବସ୍ତ କରାଯିବା ନିମନ୍ତେ ଦରଖାସ୍ତ ଗୃହିତ ହୋଇଅଛି । ଏଥି ନିମନ୍ତେ ନିମ୍ନ ସରକାରୀ ଗୋଚର ଜମିକୁ ବେ ସଂରକ୍ଷଣ କରାଯିବା ପାଇଁ ପ୍ରସ୍ତାବିତ ହୋଇଅଛି ।

**ଜମି ତଫସିଲ**

| ମୌଜା | ଖାତା ନଂ | ପ୍ଲଟ ନଂ | କିସମ | ରକବା (ଏକର) | ମନ୍ତବ୍ୟ |
|---|---|---|---|---|---|
| ସରଧାପାଲି | ୬୮<br>(ରକ୍ଷିତ) | ୧୨୨/ସ୍ପ | ଗୋଚର | ୧.୫୦ | |

ଉକ୍ତ ପ୍ରସ୍ତାବରେ ଯଦି କାହାର କିଛି ଆପତ୍ତି ଅଭିଯୋଗ ଥାଏ, ତେବେ ଏହି ନୋଟିସ ଜାରୀ ହେବାର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ/କାର୍ଯ୍ୟାଳୟରେ ସାଧା କାଗଜରେ ଟ ୨୦.୦୦ (କୋଡିଏ) ଙ୍କାର କୋର୍ଟ ଫି ଲଗାଇ ଆପତ୍ତି ଦରଖାସ୍ତ ଦାଖଲ କରିପାରିବେ। ଧାର୍ଯ୍ୟ ସମୟ ପରେ କୌଣସି ପ୍ରକାର ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

ତହସିଲଦାର : ଟାଙ୍ଗରପାଲି

ଏହାର ଏକାକିତା ନକଲ ସମ୍ପୃକ୍ତ ଗ୍ରାମର **(ସରଧାପାଲି)** ମଧ୍ୟସ୍ଥ ସ୍ଥଳ/ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ/ ସରପଞ୍ଚ, **ଯୋଗିମାଲ** ଙ୍କ ଅବଗତି ନିମନ୍ତେ ତଥା ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର : ଟାଙ୍ଗରପାଲି

ଏହାର ଏକାକିତା ନକଲ ଜିଲ୍ଲା ସୂଚନା ଓ ବିଜ୍ଞାନ ଅଧିକାରୀ, ସୁନ୍ଦରଗଡ ଙ୍କ ଅବଗତି ନିମନ୍ତେ ତଥା ଜିଲ୍ଲା ୱେବସାଇଟରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର : ଟାଙ୍ଗରପାଲି